# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,
## ଢେଙ୍କାନାଳ

ଦୂରଭାଷ : ୦୬୭୬୨-୨୨୪୪୧୪
ଇମେଲ୍:-ଡିକେଏଲ୍.ଡିଆଇପିଆର୍‌୦@ ଜିମେଲ୍.କମ୍

ପତ୍ର ସଂଖ୍ୟା ---୬୨୬----/ସୂ.ଲୋ.ସ                ତା.୨୯/୦୫/୨୦୨୦---

**ଢେଙ୍କାନାଳ ଜିଲ୍ଲାରେ ଆଉ ୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ।**

ଢେଙ୍କାନାଳ, ତା. ୨୯.୦୫.୨୦୨୦ -

ଢେଙ୍କାନାଳ ଜିଲ୍ଲାରେ ଆଉ ୩ ଜଣ କରୋନା ଆକ୍ରାନ୍ତ ବ୍ୟକ୍ତି ଚିହ୍ନଟ ହୋଇଛନ୍ତି । ସେଥିରୁ କାମାକ୍ଷାନଗର ବ୍ଲକର କୋଇରାପାଳି କ୍ୱାରେଣ୍ଟାଇନ ସେଣ୍ଟରରୁ ୨ ଜଣ ଏବଂ ଓଡ଼ାପଡ଼ା ବ୍ଲକର ଅଧିରାଜପୁର କ୍ୱାରେଣ୍ଟାଇନ ସେଣ୍ଟରରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨ ଜଣ ଦିଲ୍ଲୀରୁ ଏବଂ ଜଣେ ମହାରାଷ୍ଟ୍ରରୁ ସିଧା ସଳଖ ଆସି କ୍ୱାରେଣ୍ଟାଇନ ସେଣ୍ଟରରେ ରହୁଥିଲେ । ଗତ ୨୫, ତାରିଖରେ ସେମାନଙ୍କର ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଥିଲା ଏବଂ ୨୮, ତାରିଖ ସଂଧ୍ୟାରେ ସେମାନଙ୍କର ପରୀକ୍ଷା ରିପୋର୍ଟ ପଜିଟିଭ ଆସିଅଛି । ଏହି ୩ ଜଣ ଆକ୍ରାନ୍ତ ବ୍ୟକ୍ତିଙ୍କ ସମେତ ଜିଲ୍ଲାରେ ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୬୪ ରେ ପହଞ୍ଚିଛି । ସେମାନଙ୍କ ମଧ୍ୟରୁ ଆଜି ସୁଦ୍ଧା ୪୩ ଜଣ ଆକ୍ରାନ୍ତ ଚିକିତ୍ସା ପରେ ସୁସ୍ଥ ହୋଇଥିବା ବେଳେ ୨୨ ଜଣ ଚିକିତ୍ସାଧୀନ ଅଛନ୍ତି ।

ସେମାନେ ସମସ୍ତ ଆକ୍ରାନ୍ତ ସିଧା ସଳଖ ଆସି କ୍ୱାରେଣ୍ଟାଇନ ସେଣ୍ଟରରେ ରହୁଥିଲେ, ତେଣୁ ଗୋଷ୍ଠୀ ସଂକ୍ରମଣର କୌଣସି ଆଶଙ୍କା ନାହିଁ । ଏହି ୩ ଜଣ କରୋନା ଆକ୍ରାନ୍ତଙ୍କୁ ଚିକିତ୍ସା ନିମନ୍ତେ ଢେଙ୍କାନାଳ କୋଭିଡ୍ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଅଛି ଏବଂ ଉକ୍ତ ୨ଟି କ୍ୱାରେଣ୍ଟାଇନ ସେଣ୍ଟରକୁ ସିଲ୍‌ଡାଉନ କରାଯାଇଛି ।

ତେଣୁ ଜନସାଧାରଣ କୌଣସି ପ୍ରକାର ଉଦ୍‌ବେଗ ନ ହୋଇ ଘରୁ ବାହାରିଲେ ନିଶ୍ଚିତ ଭାବେ ମାସ୍କ ପିନ୍ଧିବାକୁ, ସାମାଜିକ ଦୂରତା ଅବଲମ୍ବନ କରିବାକୁ, ବାହାରୁ ଘରକୁ ଆସିଲେ ଭଲ ଭାବେ ସାବୁନରେ ହାତ ଧୋଇବାକୁ ଏବଂ ନିଜ ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନେବାକୁ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା ଅନୁରୋଧ କରିଛନ୍ତି ।

— x —

ଏହା ଗଣମାଧ୍ୟମର ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପଠାଗଲା ।

[signature] ୨୯/୫/୨୦.
ଜିଲ୍ଲା ସୂଚନା ଓ ଲୋକ
ସମ୍ପର୍କ ଅଧିକାରୀ
ଢେଙ୍କାନାଳ